ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୮୩-୮୪ ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ
# ଅଭିଭାଷଣ

ମାର୍ଚ୍ଚ ୮, ୧୯୮୩

ଓଡ଼ିଶା ବିଧାନ ସଭାରେ
୧୯୮୩-୮୪ ମସିହାର ବଜେଟ ଉପସ୍ଥାପନ କରି

# ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ଅଭିଭାଷଣ

ମହାଶୟ,

ମୁଁ ଏହି ମହନୀୟ ଗୃହରେ ରାଜ୍ୟ ସରକାରଙ୍କର ୧୯୮୩-୮୪ ମସିହାର ବଜେଟ୍ ଉପସ୍ଥାପନ କରୁଛି । ବାର୍ଷିକ ଆର୍ଥିକ ବିବରଣୀ ଓ ବଜେଟ୍ ସଂକ୍ରାନ୍ତୀୟ ଅନ୍ୟାନ୍ୟ କାଗଜପତ୍ର ମାନ୍ୟବର ସଭ୍ୟମାନଙ୍କୁ ଯୋଗାଇ ଦିଆଯାଇଛି ।

୨ । ୧୯୮୨-୮୩ ସାଲ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ସମୟ ହୋଇଛି । କ୍ରମାଗତ ଭାବେ କରକାପାତ, ବାତ୍ୟା, ବନ୍ୟା ଓ ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ହେବା ଫଳରେ ରାଜ୍ୟର ସବୁ ଜିଲ୍ଲାରେ ବିଭିନ୍ନ ମାତ୍ରାରେ କ୍ଷତି ଘଟିଛି ।

୩ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ କ୍ଷତିଗ୍ରସ୍ତ ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ କାର୍ଯ୍ୟ ହାତକୁ ନିଆଯାଇଛି । ଆମ ପ୍ରଧାନ ମନ୍ତ୍ରୀ ଓ ଭାରତ ସରକାର ଆମ ସମସ୍ୟାର ଗୁରୁତ୍ୱ ହୃଦୟଙ୍ଗମକରି ରିଲିଫ୍ କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ । ମରୁଡ଼ି, ବାତ୍ୟା ଓ ବନ୍ୟା ଜନିତ ରିଲିଫ୍ କାର୍ଯ୍ୟକ୍ରମ ପାଇଁ ଭାରତ ସରକାର ୧୬୬ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ସୀମା ଧାର୍ଯ୍ୟ କରିଛନ୍ତି ଏବଂ ଏଥି ମଧ୍ୟରୁ ଆମ ଅଂଶ ବାବଦକୁ ୩୯ କୋଟି ୬୫ ଲକ୍ଷ ଟଙ୍କା ଆମ ନିଜ ସମ୍ବଳରୁ ବ୍ୟୟ କରିବାକୁ ପଡ଼ିବ । ବିଶେଷକରି ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଆମ ଆର୍ଥିକ ସମ୍ବଳ ଉପରେ ଅଧିକ ଚାପ ପଡ଼ିଛି ଏହି ବ୍ୟୟାଂଶ ଚଳିତ ବର୍ଷ ଆମ ଉପରେ ଯେ ଏକ ଗୁରୁଭାର ହେବ ଏଥିରେ କୌଣସି ସନ୍ଦେହ ନାହିଁ । ମରୁଡ଼ି ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ଭାରତ ସରକାର ଏଇ କିଛି ଦିନ ତଳେ ମୁଖ୍ୟତଃ ଅଗ୍ରୀମ ଯୋଜନା ସାହାଯ୍ୟ ଆକାରରେ ୩୩ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ସୀମା ଧାର୍ଯ୍ୟ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ରିଲିଫ୍ କାର୍ଯ୍ୟକ୍ରମ ପୁରା ମାତ୍ରାରେ ଖୋଲିଛି ଏବଂ ଏହାର ଅଗ୍ରଗତି ନିୟମିତ ଭାବେ ସମୀକ୍ଷା କରାଯାଉଛି ।

ବନ୍ୟା ଓ ବାତ୍ୟା ଜନିତ କ୍ଷତିଗ୍ରସ୍ତ ଅଞ୍ଚଳରେ ବ୍ୟାପକ ମରାମତି ଓ ଥଇଥାନ କାର୍ଯ୍ୟକ୍ରମ ଚାଲୁ ରଖାଯାଇଛି । ମରୁଡ଼ି କ୍ଷତିଗ୍ରସ୍ତ ବ୍ଲକମାନଙ୍କରେ ସ୍ୱତନ୍ତ୍ର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାଦ୍ୱାରା ବର୍ତ୍ତମାନ ୬ ଲକ୍ଷ ଲୋକ ଉପକୃତ ହେଉଛନ୍ତି । ଏତଦ୍ ବ୍ୟତୀତ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ମଧ୍ୟ ଅଧିକା ୫ ଲକ୍ଷ ଲୋକ ଉପକୃତ ହୋଇ ପାରିବା ଭଳି ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଶ୍ରମ ଭିତ୍ତିକ ବିଭିନ୍ନ କାର୍ଯ୍ୟ ଏବଂ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପ ଖନନ ଇତ୍ୟାଦି କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ହାତକୁ ନିଆଯାଇଛି । ଏହି ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ରାଜ୍ୟ ସରକାର ଶାସନ କଳକୁ ପୂର୍ଣ୍ଣ ମାତ୍ରାରେ ସଜାଗ କରି ରଖିଛନ୍ତି ।

୪ । ମହାଶୟ, ଏହି ପରିପ୍ରେକ୍ଷୀରେ ମୁଁ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ବଜେଟ୍ ଅଟକଳ ଏବଂ ୧୯୮୩-୮୪ ମସିହାର ବଜେଟ୍ ଅଟକଳର କେତେକ ମୁଖ୍ୟ କାର୍ଯ୍ୟକ୍ରମ ସହରେ ଉପସ୍ଥାପିତ କରିବାକୁ ଯାଉଛି ।

୫ । ଚଳିତ ବର୍ଷର ବଜେଟ୍ ଅଟକଳରେ ପ୍ରାରମ୍ଭିକ ଜମା ପରିମାଣ ୭ ଲକ୍ଷ ୬୮ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଥିଲା । କିନ୍ତୁ ବାସ୍ତବରେ ୨୪ କୋଟି ୪୩ ଲକ୍ଷ ଟଙ୍କା ନିଅଣ୍ଟ ଥାଇ ବର୍ଷ ଆରମ୍ଭ ହେଲା ଏବଂ କେନ୍ଦ୍ର ସରକାର ମଧ୍ୟମ ମିଆଦୀ ଋଣ ଦେଇ ଏହି ନିଅଣ୍ଟ ଭରଣା କଲେ । ଚଳିତ ବର୍ଷର ସଂଶୋଧିତ ଅଟକଳରେ ରାଜ୍ୟ ସରକାର, ସ୍ୱାୟତ୍ତ ଶାସନ ସଂସ୍ଥା ଓ ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ଅତିରିକ୍ତ ମହଙ୍ଗାଭତ୍ତା, ଛୁଟିରେ ଭ୍ରମଣ ସଂକ୍ରାନ୍ତ ସୁବିଧା ଏବଂ ଆଦିବାସୀ ଉପଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ନିଯୁକ୍ତ କର୍ମଚାରୀଙ୍କୁ ପ୍ରୋତ୍ସାହନ ଭତ୍ତା ପ୍ରଦାନ ନିମନ୍ତେ ଅତିରିକ୍ତ ଅର୍ଥ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ସଂଶୋଧିତ ଅଟକଳରେ ମରୁଡ଼ି, ବାତ୍ୟା ଓ ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଜନିତ କାର୍ଯ୍ୟଗୁଡ଼ିକରେ ୧୬୭ କୋଟି ୭୭ ଲକ୍ଷ ଟଙ୍କାର ଅତିରିକ୍ତ ଅଣଯୋଜନା ବ୍ୟୟ ଅନ୍ତର୍ଭୁକ୍ତ କରାଯାଇଅଛି । ଏଥିପାଇଁ ୧୧୮ କୋଟି ୯୬ ଲକ୍ଷ ଟଙ୍କା ଭାରତ ସରକାରଙ୍କ ଠାରୁ ଅଣଯୋଜନା ଅନୁଦାନ ଆକାରରେ ମିଳିପାରିବ । ରାଜ୍ୟ ସରକାରଙ୍କର ରିଲିଫ୍ ସଂକ୍ରାନ୍ତୀୟ ବ୍ୟୟ ଭାର ଋଣ ସୂତ୍ରରେ ଦେବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ

କରାଯାଇଥିଲା । କିନ୍ତୁ ସେହି ପ୍ରସ୍ତାବ ଏ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ଗୃହୀତ ହୋଇନାହିଁ । ତେଣୁ ସ୍ୱଚ୍ଛଳ ବ୍ୟକ୍ତି ବିଶେଷ, ସଂସ୍ଥା ଓ ଅନୁଷ୍ଠାନମାନଙ୍କର ସରକାରୀ ଦେୟ ପରିଶୋଧ ଉପରେ ଗୁରୁତ୍ୱ ଦେଇ ଏବଂ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ମିତବ୍ୟୟତା ଅବଲମ୍ବନ କରି ସରକାରୀ ଆୟବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ଭାରତ ସରକାରଙ୍କ ଠାରୁ ପ୍ରୋକ୍ତ ଋଣ ସାହାଯ୍ୟ ପାଇବା ଦିଗରେ ଆମର ଉଦ୍ୟମ ଅବ୍ୟାହତ ରହିବ । ରିଲିଫ୍ ବାବଦରେ ଭାରତ ସରକାରଙ୍କଠାରୁ ୩୯ କୋଟି ୬୫ ଲକ୍ଷ ଟଙ୍କା ଋଣ ସାହାଯ୍ୟ ପାଇବାର ଅଟକଳ ସଂଶୋଧିତ ବଜେଟ୍‌ରେ କରାଯାଇଥିବାରୁ ବର୍ଷ ଶେଷକୁ ୪ଲକ୍ଷ ୯୯ ହଜାର ଟଙ୍କା ବଳକା ହେବ ।

୬ । ୧୯୮୩-୮୪ ବଜେଟ୍‌ରେ ଅଣଯୋଜନା ବାବଦ ରାଜସ୍ୱ ବ୍ୟୟ ୫୮୪ କୋଟି ୮୮ ଲକ୍ଷ ଟଙ୍କା ହେବ । ୧୯୮୨ ମସିହା ସେପ୍ଟେମ୍ବରର ବନ୍ୟା ସାହାଯ୍ୟ ବାବଦ ୨୧ କୋଟି ୪୩ ଲକ୍ଷ ଟଙ୍କା, ରାଜ୍ୟ ସରକାରଙ୍କ ଋଣ ବାବଦ ଦେୟ ସୁଧ ୮୯ କୋଟି ୬୦ ଲକ୍ଷ ଟଙ୍କା, ନ୍ୟାୟ ପ୍ରଶାସନ, ରାଜସ୍ୱ ଓ ଜିଲ୍ଲା ସ୍ତରୀୟ ପ୍ରଶାସନ, ଆଦିବାସୀ, ପୋଲିସ୍ ଓ କାରାଗାର ପ୍ରଶାସନର ମାନବୃଦ୍ଧି ଏବଂ ଆଦିବାସୀ ଉପଯୋଜନା ଅଞ୍ଚଳରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନଙ୍କୁ ପ୍ରଦତ୍ତ ପ୍ରୋତ୍ସାହନ ଭତ୍ତା ବାବଦ ୧୦ କୋଟି ୭୪ ଲକ୍ଷ ଟଙ୍କା ଏହାର ଅନ୍ତର୍ଭୁକ୍ତ । ଆରକ୍ଷୀ ବା ପୋଲିସ୍ ସଂସ୍ଥାର ଆଧୁନିକୀକରଣ ନିମିତ୍ତ ୩୫ ଲକ୍ଷ ଟଙ୍କା ଏବଂ ସାଧାରଣ ଲୋକଙ୍କ ଖଦୀ ଓ ଶସ୍ତା ଲୁଗା ବିକ୍ରି ଉପରେ ରିହାତି ପ୍ରଦାନ ବାବଦରେ ୪ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟର ବ୍ୟବସ୍ଥା କରାଯାଇଛି । ପ୍ରଶାସନ ଓ ବିଭିନ୍ନ ସେବା ସଂସ୍ଥା ନିମନ୍ତେ ୪୫୮ କୋଟି ୯ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । ଏଥି ମଧ୍ୟରେ ଶିକ୍ଷା ସକାଶେ ୧୩୮ କୋଟି ୯୦ ଲକ୍ଷ ଟଙ୍କା ଏବଂ ପୋଲିସ୍ ଓ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ନିମିତ୍ତ ଯଥାକ୍ରମେ ୩୮ କୋଟି ୨୨ ଲକ୍ଷ ଓ ୨୭ କୋଟି ୭୨ ଲକ୍ଷ ଟଙ୍କାର ବ୍ୟୟ ବରାଦ ରହିଛି ।

୭ । ଋଣ ପରିଶୋଧ ସମେତ ଅଣଯୋଜନା ପୁଞ୍ଜି ବିନିଯୋଗ ବ୍ୟୟ ପରେ ଅଣଯୋଜନା ପୁଞ୍ଜି ହିସାବରେ ୨୨ କୋଟି ୪୬ ଲକ୍ଷ ଟଙ୍କା ବଳକା ହେବ ।

୮ । ୧୯୮୩-୮୪ ବର୍ଷର ରାଜ୍ୟ ଯୋଜନା ଅଟକଳକୁ ୩୪୫ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି । ଏଥି ମଧ୍ୟରୁ ରାଜ୍ୟ ସରକାରଙ୍କ ବଜେଟ୍‌ରେ

୨୯୮ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ରହିଛି । ଅବଶିଷ୍ଟ ୪୬ କୋଟି ୩୮ ଲକ୍ଷ ଟଙ୍କାର ଖର୍ଚ୍ଚ ସରକାରୀ ଉଦ୍ୟୋଗ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାମାନେ କରିବେ ଏବଂ ଏହା ରାଜ୍ୟ ସଂଗଠିତ ପାଣ୍ଠିର ଅନ୍ତର୍ଭୁକ୍ତ ନୁହେଁ । ଯୋଜନାର ବିଭିନ୍ନ କ୍ଷେତ୍ରରେ ନିମ୍ନ ମତେ ଖର୍ଚ୍ଚ ବରାଦ କରାଯାଇଛି ।

| | କୋଟି ଟଙ୍କା ହିସାବରେ | ସମୁଦାୟ ଯୋଜନା ଖର୍ଚ୍ଚର ଶତକଡ଼ା ହାର |
|---|---|---|
| ସମବାୟ ସମେତ କୃଷି ଓ ଆନୁସଙ୍ଗିକ ସେବା | ୮୦·୨୪ | ୨୩·୨୬ |
| ଜଳ ଓ ଶକ୍ତି ଉନ୍ନୟନ | ୧୭୨·୭୦ | ୫୦·୦୬ |
| ଶିଳ୍ପ ଓ ଖଣି | ୨୨·୯୮ | ୬·୬୬ |
| ପରିବହନ ଓ ଯୋଗାଯୋଗ | ୨୦·୧୫ | ୫·୮୪ |
| ସମାଜ ସେବା | ୪୭·୦୮ | ୧୩·୬୪ |
| ଅର୍ଥନୈତିକ ଓ ବିବିଧ ସେବା | ୧·୮୫ | ୦·୫୪ |
| | ୩୪୫·୦୦ | ୧୦୦·୦୦ |

ଏହି ଯୋଜନା ବ୍ୟୟ ବ୍ୟତୀତ କେନ୍ଦ୍ର ସରକାରଙ୍କ ଠାରୁ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ନିମିତ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ବାବଦ ୧୪ କୋଟି ୭୩ ଲକ୍ଷ ଟଙ୍କା ଓ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ନିମିତ୍ତ ଆଗୁଆ ଯୋଜନା ସହାୟତା ବାବଦ ୧କୋଟି ୫୫ ଲକ୍ଷ ଟଙ୍କାର ଅଧିକ ସମ୍ବଳ ମିଳିବ । ଫଳତଃ ରାଜ୍ୟର ମୋଟ ଯୋଜନା ବ୍ୟୟ ୩୬୧ କୋଟି ୨୮ ଲକ୍ଷ ଟଙ୍କାରୁ ଅଧିକ ହେବ ।

୯ । ଏହା ବ୍ୟତୀତ ସଂଗଠିତ ପାଣ୍ଠିର ବ୍ୟୟ ଅଟକଳରେ ତଫସିଲଭୁକ୍ତ ଜାତିଙ୍କ ଉନ୍ନୟନ ନିମିତ୍ତ ସ୍ୱତନ୍ତ୍ର ଯୋଜନା ବ୍ୟୟ ବାବଦ ୫ କୋଟି ୨୦ ଲକ୍ଷ ଟଙ୍କା ସମେତ କେନ୍ଦ୍ରୀୟ ଯୋଜନା ବ୍ୟୟ ୫୧ କୋଟି ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବ୍ୟୟ ୪୨ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଏହି ବାବଦ ଆବଶ୍ୟକ ମୋଟ ୯୩ କୋଟି ଟଙ୍କା କେନ୍ଦ୍ର ସରକାର ଓ ଏନ୍. ସି. ଡି. ସି. ପୁରାପୁରି ଭରଣା କରିବେ ।

କୃଷି

୧୦ । ବର୍ତ୍ତମାନ ମୁଁ ସଂକ୍ଷେପରେ କେତେକ ମୁଖ୍ୟ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିବି ।

୧୧ । କୃଷି ଓ ଆନୁସଙ୍ଗିକ କାର୍ଯ୍ୟାବଳୀ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରେ ଏବଂ ରାଜ୍ୟର ସମୁଦାୟ ଆୟର ଶତକଡା ୬୫.୬୬ ଭାଗ କେବଳ କୃଷିରୁହିଁ ମିଳିଥାଏ । କୃଷି କାର୍ଯ୍ୟକ୍ରମରେ ଶତକଡା ୭୫ଭାଗ ଲୋକ ନିଯୁକ୍ତ ହୋଇଥାନ୍ତି । ଚଳିତ ବର୍ଷ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଏହି କାର୍ଯ୍ୟ ବ୍ୟାହତ ହୋଇଅଛି । ଚାଷୀମାନଙ୍କର ଦୁର୍ଦ୍ଦଶା ଲାଘବ କରିବା ନିମିତ୍ତ ୧୨,୬୮୦ ଟନ୍ ବିହନ ଗତ ଖରିଫ ଋତୁରେ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଇଛି । ରବି ଋତୁ ପାଇଁ ପ୍ରାୟ ୨୫,୯୪୫ ଟନ୍ ବିହନ ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ଚାଲୁ ରହିଛି । ସାର ବିକ୍ରୟ କେନ୍ଦ୍ରର ସଂଖ୍ୟା ବିଶେଷ ଭାବରେ ବୃଦ୍ଧି କରାଯାଇଛି ଏବଂ ସାର ବିକ୍ରୟ କୃଷି ଋଣ ସହିତ ସଂଯୁକ୍ତ କରାଯାଇଛି । ଡାଲି ଜାତୀୟ ଫସଲ ଓ ତୈଳବୀଜର ଉତ୍ପାଦନ କାର୍ଯ୍ୟକ୍ରମକୁ ସଘନ କରାଯାଇଛି । ସ୍ୱଳ୍ପ ଅମଳକ୍ଷମ ଧାନକ୍ଷେତରେ ଅନ୍ୟାନ୍ୟ ଫସଲ କରାଯାଉଅଛି ଏବଂ ଶୁଷ୍କ ଜମି ଉପଯୋଗୀ ଚାଷର ପ୍ରସାର କରାଯାଇଛି । କୃଷକମାନଙ୍କୁ ୩ଲକ୍ଷ ୬୮ ହଜାର ମିନିକିଟି (Minikits) ବିନା ମୂଲ୍ୟରେ ବଣ୍ଟନ କରାଯାଇଅଛି । ୧୯୮୩-୮୪ ବର୍ଷରେ ୭୧.୩୮ ଲକ୍ଷ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ପାଇଁ ଆମେ କାର୍ଯ୍ୟକ୍ରମ ସ୍ଥିର କରିଅଛୁ । ପତିତ ଜମିକୁ ଶସ୍ୟ ଉତ୍ପାଦନକ୍ଷମ କରି ଏବଂ ଜଳ ସେଚିତ ଓ ବର୍ଷାଧାର ଜମିରେ ଯଥାଯଥ ଫସଲ ପ୍ରଣାଳୀ ଅବଲମ୍ବନ କରି ଓ ଅତ୍ୟାଧୁନିକ ବୈଷୟିକ କୌଶଳର ବ୍ୟାପକ ପ୍ରୟୋଗ ଦ୍ୱାରା ୧୨.୨୫ ଲକ୍ଷ ଟନ୍ ଡାଲିଜାତୀୟ ଫସଲ, ୯.୪୪ ଲକ୍ଷ ଟନ୍ ତୈଳବୀଜ, ୯.୪୫ ଲକ୍ଷ ଟନ୍ ଝୋଟ ଓ ମେସ୍ତା ଏବଂ ୪୬.୧୦ ଲକ୍ଷ ଟନ୍ ଆଖୁ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କୃଷି ନିମିତ୍ତ ୧୪୦ କୋଟି ଟଙ୍କାର ସମବାୟ ଋଣ ଯୋଗାଇବା ବ୍ୟବସ୍ଥା ହୋଇଛି ।

୧୨ । ପଶୁପାଳନ ଓ ଗୋ-ଉନ୍ନୟନ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ପ୍ରଜନନ, ଉତ୍ତମ ଖାଦ୍ୟ ଓ ଉନ୍ନତ ପରିଚାଳନା ଓ ଉତ୍ତମ ଚିକିତ୍ସା ବିଧାନ କରି ପଶୁ ସମ୍ପଦର ଉନ୍ନତି ନିମିତ୍ତ ଯୋଜନା ଚାଲୁ ରଖାଯାଇଅଛି । ଦୁଗ୍ଧ, ଅଣ୍ଡା, କୁକୁଡା ଇତ୍ୟାଦିର ଉତ୍ପାଦନ ବୃଦ୍ଧି ନିମିତ୍ତ ପଦକ୍ଷେପ ନିଆଯାଉଅଛି । ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର

ସହାୟତାରେ ଓ ଭାରତୀୟ ଦୁଗ୍ଧ ନିଗମଙ୍କ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦନକାରୀ ଫେଡେରେସନ୍‌ଙ୍କ ପରିଚାଳନାରେ କଟକ, ପୁରୀ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲାମାନଙ୍କରେ ଦୁଗ୍ଧ ଉତ୍ପାଦନର ବିକାଶ ନିମିତ୍ତ ଅପରେସନ ଫ୍ଲଡ୍-୨ କାର୍ଯ୍ୟକାରୀ କରାଯାଉଛି ।

୧୩ । ସଘନ ଜାଆଁଳ ଉତ୍ପାଦନ, ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ବିକାଶ, ଖାରି ପାଣିରେ ମାଛଧରା ପ୍ରଣାଳୀର ଉନ୍ନତି ଏବଂ ପାରମ୍ପରିକ ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ଧୀବରମାନଙ୍କୁ ଜୀବିକାର୍ଜନର ଅବଲମ୍ବନ ଯୋଗାଣ ପ୍ରଭୃତି ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ମତ୍ସ୍ୟଜୀବୀ ଉନ୍ନୟନ ସଂସ୍ଥାର ୯ଟି ଜିଲାରେ ପୋଖରୀ ଉନ୍ନତି କାର୍ଯ୍ୟ, ଆବଶ୍ୟକୀୟ ସାମଗ୍ରୀ ଯୋଗାଣ ଏବଂ ମତ୍ସ୍ୟଜୀବୀମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟ ଅବ୍ୟାହତ ରହିଛି । ଓଡ଼ିଶା ମତ୍ସ୍ୟ ଜାଆଁଳ ଉନ୍ନୟନ ନିଗମ ବଲଙ୍ଗୀର ଜିଲାର ବିନିକାଠାରେ ବିଶ୍ୱବ୍ୟାଙ୍କର ଅନ୍ତର୍ଦେଶୀୟ ମତ୍ସ୍ୟ ଯୋଜନା ମାଧ୍ୟମରେ ଜାଆଁଳ ଉତ୍ପାଦନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି ଏବଂ ୧୯୮୩-୮୪ ବର୍ଷ ସେଥିରୁ ଜାଆଁଳ ଉତ୍ପାଦିତ ହେବ । କେନ୍ଦ୍ର ସହାୟତାରେ ଇଞ୍ଚୁଡ଼ିଠାରେ ଏକ ଖାରିପାଣି ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ନିର୍ମାଣ ଚାଲିଛି । ୧୯୮୩-୮୪ ମସିହାରେ ଦୁଇଟି ଖାରିପାଣି ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥା ସ୍ଥାପନକରି ଖାରିପାଣି ମତ୍ସ୍ୟ ଉନ୍ନୟନର ଏକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବାର ପ୍ରସ୍ତାବ ଅଛି । ଖାରିପାଣି ମତ୍ସ୍ୟ ଉତ୍ପାଦନ ନିମିତ୍ତ ଓ ୬୦ ହେକ୍ଟର ପରିମିତ ଜଳରେ ଚିଙ୍ଗୁଡ଼ି ଚାଷ ପାଇଁ ଘରୋଇ ମତ୍ସ୍ୟଚାଷୀମାନଙ୍କୁ ଆର୍ଥିକ ସହାୟତା ଦିଆଯିବ । ୧୯୮୩-୮୪ ବର୍ଷରେ ୧,୦୩,୦୦୦ ଟନ୍ ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ହେବା ଆଶା କରାଯାଉଛି ।

୧୪ । ସରକାରଙ୍କ 'ଧ୍ୱଂସରହିତ ବିକାଶ' ନୀତି ଅନୁଯାୟୀ ରାଜ୍ୟ ଯୋଜନା ତଥା ଗ୍ରାମ୍ୟ ଜାଳେଣି କାଠ ଚାରା ରୋପଣ ପରିକଳ୍ପନାରେ ୧୯୮୩-୮୪ରେ ୧୦,୮୦୦ ହେକ୍ଟର ଜମିରେ ଚାରା ରୋପଣ, ୧,୦୦୦ ହେକ୍ଟର ଜଙ୍ଗଲ ଜମିର ପୁନରୁଦ୍ଧାର ଓ ଲୋକଙ୍କୁ ୯୫ ଲକ୍ଷ ଚାରାବଣ୍ଟନ ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ଯୋଜନା ପରିକଳ୍ପନାରେ ୩,୪୦୦ ହେକ୍ଟର ଜମିରେ ଚାରା ରୋପଣ ଓ

୧,୦୦୦ ହେକ୍ଟର ଜମିରେ ପୁନଃରୋପଣ ବ୍ୟବସ୍ଥା ହୋଇଛି । ଜଙ୍ଗଲଜାତ ଦ୍ରବ୍ୟ ରାଜସ୍ୱ ଆୟର ଏକ ପ୍ରଧାନ ପନ୍ଥା ହୋଇଥିବାରୁ ୧୯୮୨ ଅକ୍‌ଟୋବର ପହିଲାଠାରୁ ଜଙ୍ଗଲ କୁପ୍‌ଗୁଡିକ ଠିକାଦେବା ପଦ୍ଧତି ବନ୍ଦ କରାଯାଇଛି । ଗଣ୍ଡିକାଠ ଓ ଜାଳେଣି କାଠ କୁପ୍‌ଗୁଡ଼ିକ ବର୍ତ୍ତମାନ ଓଡ଼ିଶା ବନ ନିଗମ, ଶିମିଳିପାଳ ଜଙ୍ଗଲ ଉନ୍ନୟନ ନିଗମ ବା ବିଭାଗୀୟ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ଅନୁଗୋଳ ଜଙ୍ଗଲ ଡିଭିଜନରେ ଗଣ୍ଡିକାଠ ଓ ଜୟପୁର ଜଙ୍ଗଲ ଡିଭିଜନର କେତେକ ଅଞ୍ଚଳରେ ବାଉଁଶର କାରବାର ଜଙ୍ଗଲ ବିଭାଗ ପରିଗ୍ରହଣାଭୁକ୍ତ କରାଯାଇଛି । ଘରୋଇ ବ୍ୟବସାୟୀ-ମାନଙ୍କ ଦ୍ୱାରା ଶୋଷିତ ହେଉଥିବା ଆଦିବାସୀ ଲୋକଙ୍କର ସୁରକ୍ଷା ନିମିତ୍ତ ଶାଳମଞ୍ଜି ସଂଗ୍ରହ ୯-୧୨-୧୯୮୨ ଠାରୁ ଜାତୀୟକରଣ କରାଯାଇଅଛି ।

୧୫ । କ୍ଷୁଦ୍ର ଜଳସେଚନ ସମେତ କୃଷି, ସମବାୟ ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ବଜେଟରେ ୭୧ କୋଟି ୫୦ ଲକ୍ଷ ଟଙ୍କା ଥିବାସ୍ଥଳେ ୧୯୮୩-୮୪ ପାଇଁ ତାହା ୮୦ କୋଟି ୨୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୧୬ । ଜଳସେଚନ କୃଷି ଉନ୍ନୟନର ଗୁଡ଼ିକାଠି ହୋଇଥିବାରୁ ଅସମ୍ପୂର୍ଣ୍ଣ ଜଳସେଚନ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ ମରୁଡ଼ି ପ୍ରପୀଡ଼ିତ ଓ ଆଦିବାସୀ-ବହୁଳ ଅଞ୍ଚଳମାନଙ୍କରେ ନୂତନ ଯୋଜନା କାର୍ଯ୍ୟକାରୀ କରି ରାଜ୍ୟରେ ଜଳସେଚନ ସୁବିଧା ବୃଦ୍ଧି କରିବା ପାଇଁ ଆମ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦିଆ ଯାଇଛି । ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମିତ୍ତ ରାଜ୍ୟ ଯୋଜନାରେ ୧୯୮୨-୮୩ରେ ୭୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ଥିବା ସ୍ଥଳେ ଏହି ଅଟକଳକୁ ବୃଦ୍ଧି କରାଯାଇ ୧୯୮୩-୮୪ ପାଇଁ ୭୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଅଧିକନ୍ତୁ କେନ୍ଦ୍ରୀୟ ଯୋଜନାରେ ଆସନ୍ତା ବର୍ଷ ପାଇଁ ୮ କୋଟି ଟଙ୍କା ବ୍ୟୟର ବ୍ୟବସ୍ଥା ମଧ୍ୟ ରହିଛି । ଆସନ୍ତା ବର୍ଷ ଖରିଫ ଋତୁରେ ୪୦.୭୦ ହଜାର ହେକ୍ଟର ଓ ରବି ଋତୁରେ ୨୫.୫୫ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ୧୯୮୩-୮୪ ଜଳ ସେଚନ ବ୍ୟୟ ବରାଦର ମୋଟ ବାଷଠି ଭାଗ ଅର୍ଥ ମରୁଡ଼ି ପ୍ରପୀଡ଼ିତ ଓ ଆଦିବାସୀ ଅଞ୍ଚଳରେ ଅବସ୍ଥିତ ଜଳସେଚନ ପ୍ରକଳ୍ପ ପାଇଁ ବ୍ୟୟ କରାଯିବ ।

୧୭ । ଶିଳ୍ପ ବିକାଶରେ ବିଦ୍ୟୁତ୍ ଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆମେ ଏହାକୁ ବିଶେଷ ଅଗ୍ରାଧିକାର ଦେଇଛୁ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ସଂପ୍ରସାରଣ କାର୍ଯ୍ୟକ୍ରମର ଗୋଟିଏ ଇଉନିଟ୍‌ରୁ ଉତ୍ପାଦନ ଆରମ୍ଭ ହେଲଣି ଏବଂ ଅନ୍ୟ ଇଉନିଟ୍ ଶୀଘ୍ର କାର୍ଯ୍ୟକାରୀ ହେବ । ରାଜ୍ୟ ବିଦ୍ୟୁତ୍ ବୋର୍ଡର ୪୪ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସମେତ ଆସନ୍ତା ବର୍ଷ ପାଇଁ ବିଦ୍ୟୁତ୍ ଶକ୍ତି ନିମିତ୍ତ ରାଜ୍ୟ ଯୋଜନାରେ ୯୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟବସ୍ଥା ଅଛି । କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମଧ୍ୟରୁ ରେଙ୍ଗାଲି ଓ ଅପର କୋଲାବର ପ୍ରଥମ ଇଉନିଟ୍‌ମାନଙ୍କରୁ ୧୯୮୪ ଶେଷ ସୁଦ୍ଧା ଏବଂ ଅନ୍ୟ ତିନିଗୋଟି ଇଉନିଟରୁ ୧୯୮୫ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି । ଏତଦ୍‌ବ୍ୟତୀତ ବାର୍ଷିକ ନିଶ୍ଚିତ ଭାବେ ୧୩ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ପାଇବା ସକାଶେ ୩୭.୫ ମେଗାୱାଟ୍ ଶକ୍ତି ବିଶିଷ୍ଟ ଏକ ଅତିରିକ୍ତ ଇଉନିଟ୍ ହୀରାକୁଦଠାରେ ସ୍ଥାପନ କରାଯିବ । ତାଳଚେରଠାରେ ୨,୮୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ସୁପର ତାପଜ ବିଦ୍ୟୁତ କେନ୍ଦ୍ରର ପ୍ରୋଜେକ୍ଟ ରିପୋର୍ଟ ଓ ଭୀମକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ସମ୍ଭାବ୍ୟ ରିପୋର୍ଟ ଭାରତ ସରକାରଙ୍କ ବିଚାରାଧୀନ ଅଛି । ସମ୍ବଲପୁର ଜିଲ୍ଲାରେ ଇବ୍ ଉପତ୍ୟକାର କୋଇଲା ସହ ସଂଯୋଗ ସ୍ଥାପନକରି ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ ବୈଷୟିକ ମଞ୍ଜୁରୀ ନିମିତ୍ତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରକରଣ ଅଧିକାରୀଙ୍କ ବିଚାରାଧୀନ ଅଛି । ଆସନ୍ତା ବର୍ଷ ୧,୨୦୫ ଗ୍ରାମକୁ ବିଦ୍ୟୁତ୍‌କରଣ ଓ ୯,୦୦୦ ପମ୍ପସେଟକୁ ବିଦ୍ୟୁତ୍ ଶକ୍ତି ଯୋଗାଣ କରିବା ଆମର ଲକ୍ଷ୍ୟ ରହିଛି ।

୧୮ । ଲୋକଙ୍କ କର୍ମ ସଂସ୍ଥାନ ଓ ରାଜ୍ୟର କ୍ଷିପ୍ର ଆର୍ଥିକ ଉନ୍ନୟନ ସକାଶେ ଆମର ତ୍ୱରାନ୍ୱିତ ଶିଳ୍ପ ପ୍ରସାର ନୀତି ବିଷୟରେ ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି । ୧୯୮୦ ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହୋଇଥିବା ଶିଳ୍ପନୀତି ଦ୍ୱାରା ରାଜ୍ୟରେ ଶିଳ୍ପ ବିକାଶର ଏକ ବାତାବରଣ ସୃଷ୍ଟି ହୋଇଛି ଏବଂ ଶିଳ୍ପ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅଗ୍ରଗତି ହୋଇ ପାରିଛି । ଶିଳ୍ପ ବିକାଶ ଓ ବିନିଯୋଗ ନିଗମ ସହାୟତାରେ ଗଢି ଉଠିଥିବା ୪୧ଟି ପ୍ରକଳ୍ପରେ ଉତ୍ପାଦନ ଆରମ୍ଭ

ହେଲଣି । ୨୦୨ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟରେ ୮୮ଟି ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟ ଚାଲୁଅଛି ଓ ୧୨୦୫ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୯୫ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରା ଯାଇଅଛି । ହୀରାକୁଦଠାରେ ପ୍ରପର୍ଜି ପ୍ଲାଣ୍ଟ, ବଡ଼ବିଲଠାରେ ସ୍ପନ ପାଇପ ପ୍ଲାଣ୍ଟ ଓ ତାଳଚେରଠାରେ ମିଳିତ ଓରିଚେମ ପ୍ରକଳ୍ପ, ଏହିପରି ତିନିଗୋଟି ପ୍ରକଳ୍ପ ଶିଳ୍ପ ବିକାଶ ନିଗମଦ୍ୱାରା ପ୍ରତିଷ୍ଠା କରା ଯାଇଅଛି । ୧୯୮୩-୮୪ରେ ସୋନପୁର ସୂତାକଳ, ବାରିପଦା ସୂତାକଳ, ବରଗଡ଼ ସିମେଣ୍ଟ କାରଖାନାର ସଂପ୍ରସାରଣ, ଚଉଦ୍ୱାରରେ ବଏଲର ପାଇପିଙ୍ଗ ପ୍ଲାଣ୍ଟ ଓ ବାରିପଦାଠାରେ କେବୁଲ ପ୍ରକଳ୍ପର ଉତ୍ପାଦନ ଆରମ୍ଭ କରିବା ପାଇଁ ଉକ୍ତ ନିଗମର କାର୍ଯ୍ୟକ୍ରମ ରହିଛି । ଶିଳ୍ପ ଭିତ୍ତିଭୂମି ନିଗମ ୫୧୪ଟି କାରଖାନା ଘର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଏ ପର୍ଯ୍ୟନ୍ତ ୩୭୬ଟି ନିର୍ମାଣ ହୋଇଅଛି ଓ ୧୯୮୩ ଜୁନ୍ ମାସ ମଧ୍ୟରେ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାହେବ । ୧୯୮୩-୮୪ ମସିହାରେ ୧୫୬ଟି କାରଖାନା ଗୃହ ଓ ୯୦୦ ବାସଗୃହ ନିର୍ମାଣ ଏବଂ ୬୭୫ ଏକର ଜମିର ଉନ୍ନତିକରଣ ନିମିତ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଅଛି । ଚଳିତ ବର୍ଷରେ ୨,୮୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆମର କାର୍ଯ୍ୟକ୍ରମ ରହିଛି ଏବଂ ସେଥି ମଧ୍ୟରୁ ଏ ପର୍ଯ୍ୟନ୍ତ ୧,୬୫୫ଟି ସ୍ଥାପିତ ହୋଇ ସାରିଛି ।

ତାଳଚେରଠାରେ ଏକ ନୂତନ ଯାନ୍ତ୍ରିକ ମହାବିଦ୍ୟାଳୟ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ମେକାନିକାଲ୍ ଓ ସିଭିଲ୍ ସହିତ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଙ୍ଗ ପାଠ୍ୟକ୍ରମ ଆରମ୍ଭ କରା ଯାଇଛି । ୫ ଗୋଟି ବୈଷୟିକ ବିଦ୍ୟା ବିଶିଷ୍ଟ ଡିପ୍ଲୋମା ପାଠ୍ୟକ୍ରମ ଶିକ୍ଷାଦେବା ନିମନ୍ତେ ତାଳଚେରଠାରେ ଗୋଟିଏ ବିବିଧ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଅଛି । ବୟନ ଶିଳ୍ପରେ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ମଧ୍ୟ ଆରମ୍ଭ କରା ଯାଇଛି ।

ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ, ରାଜ୍ୟରେ ତିନୋଟି ବୃହତ୍ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ନାଲକୋ ପ୍ରକଳ୍ପର କାର୍ଯ୍ୟ ଆଶାଜନକଭାବେ ଅଗ୍ରଗତି କରୁଅଛି । ପାରାଦୀପ ସାର କାରଖାନାର କାର୍ଯ୍ୟ ମଧ୍ୟ ପୂରା ଦମରେ ଆରମ୍ଭ ହୋଇଛି । ଦୈତାରିଠାରେ ଲୁହା କାରଖାନା ପାଇଁ ସ୍ଥଳର ଉନ୍ନତିକରଣ, ଜମି ଦଖଲ ପ୍ରଭୃତି ପ୍ରାଥମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି ।

୧୯ । ଷଷ୍ଠ ପଞ୍ଚ ବାର୍ଷିକ ଯୋଜନା ପାଇଁ ଧାର୍ଯ୍ୟ ହୋଇଥିବା ଏକ ଲକ୍ଷ ତନ୍ତ ମଧ୍ୟରୁ ୬୪,୫୪୦ ତନ୍ତ ସମବାୟ ସମିତି ଓ ହସ୍ତ ତନ୍ତ ଉନ୍ନୟନ ନିଗମର ଉତ୍ପାଦନ କେନ୍ଦ୍ର ପରିସରଭୁକ୍ତ କରାଯାଇଛି ଏବଂ ୨୨,୭୨୬ଟି ତନ୍ତର ଆଧୁନିକୀକରଣ କରା ଯାଇଅଛି । ତଫସିଲଭୁକ୍ତ ଜାତିର ବୟନ ଶିଳ୍ପୀମାନଙ୍କୁ ସହାୟତା କରିବା ପାଇଁ ଏକ ସ୍ୱତନ୍ତ୍ର ପରିକଳ୍ପନା ମଧ୍ୟ କାର୍ଯ୍ୟକାରୀ ହେଉଅଛି । ଗ୍ରାମ୍ୟ କାରିଗରମାନଙ୍କୁ ଉନ୍ନତ ଯନ୍ତ୍ରପାତି, କଞ୍ଚାମାଲ, ଋଣ ଓ ତାଲିମ୍ ସୁବିଧା ସୁଯୋଗ ଯୋଗାଇ ଦେବା କାର୍ଯ୍ୟକ୍ରମ ଚାଲୁ ରଖାଯାଇଛି । ଆଦିବାସୀ ଅଞ୍ଚଳରେ ରେଶମ ଶିଳ୍ପର ବିକାଶ ନିମିତ୍ତ ସ୍ୱତନ୍ତ୍ର ପରିକଳ୍ପନା କାର୍ଯ୍ୟକାରୀ ହେଉଅଛି ।

୨୦ । ବିଦେଶୀ ସଂସ୍ଥାଙ୍କ ସହଯୋଗରେ ଫେର୍ରୋକ୍ରୋମ ପ୍ରକଳ୍ପର କାମ ଆରମ୍ଭ କରାଗଲଣି ଏବଂ ଏହାର କୋଠାବାଡ଼ି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ୧୯୮୫ ମସିହାରେ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହେବା ଆଶା କରା ଯାଉଛି । ରାଜ୍ୟ ଏବଂ କେନ୍ଦ୍ରୀୟ ଭୂତାତ୍ତ୍ୱିକ କାର୍ଯ୍ୟକାରୀ ବୋର୍ଡଙ୍କ ଦ୍ୱାରା ଚୂଡ଼ାନ୍ତ ହୋଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁ ଅନୁସନ୍ଧାନ କରା ଯାଇଥିଲା ତଦ୍ୱାରା ଚଳିତ ବର୍ଷ ଅଧିକ କୋଇଲା, ଅଗ୍ନିନିରୋଧକ ମୃତ୍ତିକା, ଚୂନପଥର ପ୍ରଭୃତି ଅଧିକ ସଂପଦ ଥିବା ସୂଚିତ ହୋଇଛି । ୧୯୮୩-୮୪ ମସିହାରେ କୋଇଲା, ଚୂନପଥର, ଅଗ୍ନିନିରୋଧକ ମୃତ୍ତିକା, କ୍ରୋମାଇଟ୍, ଗ୍ରାଫାଇଟ୍ ଏବଂ ଟିଣ ପ୍ରଭୃତି ଖଣିଜ ଦ୍ରବ୍ୟଗୁଡ଼ିକର ଅନୁସନ୍ଧାନ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରାଯିବ ।

୨୧ । ଚଳିତ ବର୍ଷର ବଜେଟ୍‌ରେ ଶିଳ୍ପ ଏବଂ ଖଣିଜ ଦ୍ରବ୍ୟର ବିକାଶ ବାବଦରେ ୧୫ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସ୍ଥଳେ ୧୯୮୩-୮୪ ବର୍ଷରେ ୨୨ କୋଟି ୯୮ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୨ । ଆମର ଶିକ୍ଷା ସଂପର୍କୀୟ ଯୋଜନାରେ ପ୍ରାଥମିକ ଶିକ୍ଷା, ପ୍ରୌଢ଼ଶିକ୍ଷା ଏବଂ ବର୍ତ୍ତମାନ ରହିଥିବା ମାଧ୍ୟମିକ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଥିବା ସୁବିଧା ସୁଯୋଗର ଉନ୍ନତି ବିଧାନ ଉପରେ ଅଧିକ ଦୃଷ୍ଟି ଦିଆଯାଇଛି । ଆସନ୍ତା ବର୍ଷ

ସକାଶେ ବର୍ତ୍ତମାନ ଥିବା ପ୍ରାଥମିକ ଶିକ୍ଷାନୁଷ୍ଠାନ, ପାଠ୍ୟକ୍ରମ ଓ ଶିକ୍ଷକମାନଙ୍କ ତାଲିମ ବ୍ୟବସ୍ଥାର ଦୃଢ଼ୀକରଣ ଓ ଉନ୍ନତି ବିଧାନ ତଥା ବହୁ ସଂଖ୍ୟକ ପ୍ରୌଢ଼ଶିକ୍ଷା ଓ ଅଣଆନୁଷ୍ଠାନିକ (ନନ୍‌ଫର୍ମାଲ) ଶିକ୍ଷା କେନ୍ଦ୍ର ଖୋଲି ରଖାଯିବା ନିମନ୍ତେ କାର୍ଯ୍ୟକ୍ରମ ରଖାଯାଇଛି । ମାଧ୍ୟମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଚଳିତ ପାଠ୍ୟକ୍ରମକୁ ବହୁମୁଖୀ ଓ ଧନ୍ଦାମୂଳକ କରିବା ତଥା ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ଉନ୍ନତି ବିଧାନ ଉପରେ ଗୁରୁତ୍ୱ ଦିଆଯାଇଛି । ୧୯୮୩-୮୪ ଶିକ୍ଷା ବର୍ଷରେ ୧୦+୨ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ବହୁସଂଖ୍ୟକ ଛାତ୍ରଙ୍କ ନିମନ୍ତେ ଶିକ୍ଷାର ସୁବିଧା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି । ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଉଭୟ କଳା ଓ ବିଜ୍ଞାନ ବିଭାଗରେ +୨ ପାଠ୍ୟକ୍ରମର ବ୍ୟବସ୍ଥା କରାଯିବ । ଆସନ୍ତା ବର୍ଷର ବଜେଟ୍‌ରେ ସାଧାରଣ ଓ ବୈଷୟିକ ଶିକ୍ଷା ନିମନ୍ତେ ଅଣଯୋଜନା ବାବଦରେ ୧୩୮ କୋଟି ୯୦ ଲକ୍ଷ ଟଙ୍କା ଏବଂ ଯୋଜନା ବାବଦରେ ୧୪ କୋଟି ୧୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୩ । ଆମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ରାଜ୍ୟରେ ବିଶେଷକରି ଗ୍ରାମାଞ୍ଚଳରେ ଜନସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ବିଧାନ, ସଂକ୍ରାମକ ରୋଗର ନିୟନ୍ତ୍ରଣ ଓ ନିରାକରଣ ଏବଂ ପରିବାର କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଛି । ବ୍ରିଟିଶ ସହାୟତାରେ କାର୍ଯ୍ୟକାରୀ ହେଉଥିବା "ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ" ଅନୁଯାୟୀ ଭିତ୍ତିଭୂମିକ ବ୍ୟବସ୍ଥାର ଉନ୍ନୟନ କରିବା ଏବଂ ପରିବାର କଲ୍ୟାଣ ତଥା ମାତା ଓ ଶିଶୁ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ପାରାମେଡ଼ିକାଲ କର୍ମୀଙ୍କ ଅଭାବ ଦୂର କରିବା ପାଇଁ ନର୍ସ, ଲାବୋରେଟୋରୀ ଟେକ୍‌ନିସିଆନ୍ ଏବଂ ଅନ୍ୟାନ୍ୟମାନଙ୍କ ତାଲିମ ବ୍ୟବସ୍ଥାର ସଂପ୍ରସାରଣ କରାଯାଇଛି । ୧୯୮୩-୮୪ରେ ୩୦ଟି ଅତିରିକ୍ତ ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୪ଟି ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାଳୟ ଖୋଲିବାର ବ୍ୟବସ୍ଥା ରହିଛି । ବ୍ରିଟିଶ ସାହାଯ୍ୟ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଆଦିବାସୀ ସହାୟତା କାର୍ଯ୍ୟକ୍ରମ ସମେତ ସମୁଦାୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନିମନ୍ତେ ୧୯୮୩-୮୪ ବର୍ଷରେ ୧୬ କୋଟି ୭୨ ଲକ୍ଷ ଟଙ୍କାର ଯୋଜନା ବ୍ୟୟ ଏବଂ ୨୭ କୋଟି ୭୨ ଲକ୍ଷ ଟଙ୍କାର ଅଣଯୋଜନା ବ୍ୟୟ ବରାଦ କରାଯାଇଛି ।

୨୪ । ହରିଜନ ଓ ଆଦିବାସୀଙ୍କ ଶିକ୍ଷାଗତ ଓ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସକଳ ପ୍ରକାର ଶୋଷଣରୁ ମୁକ୍ତ

କରିବା ପାଇଁ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି । ଆଦିବାସୀ ଉପଯୋଜନା, ହରିଜନମାନଙ୍କ ପାଇଁ ସ୍ୱତନ୍ତ୍ର କମ୍ପୋନେଣ୍ଟ ଯୋଜନା ଏବଂ ଆଦିମ ଅଧିବାସୀମାନଙ୍କ ବିକାଶ ପାଇଁ ମାଇକ୍ରୋ ପ୍ରୋଜେକ୍ଟ, ଉପଯୋଜନା ବହିର୍ଭୂତ ଆଦିବାସୀମାନଙ୍କ ପାଇଁ ପରିବର୍ତ୍ତିତ ଅଞ୍ଚଳ ଉନ୍ନୟନ ଯୋଜନା, ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ ଏବଂ ଉକ୍ତ ସଂପ୍ରଦାୟର ଲୋକ ମାନଙ୍କ ଦ୍ରୁତ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଆଇନ ପ୍ରଣୟନ ପ୍ରଭୃତି କାର୍ଯ୍ୟକ୍ରମ ଜରିଆରେ ବିଶେଷ ଉଦ୍ୟମ କରାଯାଇଛି । ୧୯୮୨-୮୩ରେ ଆଦିବାସୀ ଉପଯୋଜନା ଏବଂ ହରିଜନ କମ୍ପୋନେଣ୍ଟ ଯୋଜନା ବାବଦରେ ୧୩୨ କୋଟି ୬୦ ଲକ୍ଷ ଟଙ୍କା ରଖା ଯାଇଥିବା ସ୍ଥଳେ ୧୯୮୩-୮୪ରେ ୧୫୪ କୋଟି ୧୬ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି ।

୨୫ । କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ହେତୁ ବିପୁଳ ଶସ୍ୟହାନି ଘଟିବା ଫଳରେ ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା ଗୁରୁତର ସ୍ଥିତିର ସମ୍ମୁଖୀନ ହୋଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଜନସାଧାରଣଙ୍କର ଚାହିଦା ମେଣ୍ଟାଇବା ନିମନ୍ତେ କେନ୍ଦ୍ରୀୟ ଭଣ୍ଡାରରୁ ଅଧିକ ପରିମାଣ ଖାଦ୍ୟଶସ୍ୟ ଆଣିବାକୁ ଉଦ୍ୟମ କରାଯାଉଛି । ରାଜ୍ୟସରକାର ଖାଦ୍ୟଶସ୍ୟ ସଂଗ୍ରହ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟ ଭିତରେ ଓ ବାହାରେ ଥିବା ସମସ୍ତ ଖୋଲା ବଜାରରୁ ଅଧିକ ଚାଉଳ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଆଭ୍ୟନ୍ତରୀଣ ଅଞ୍ଚଳ ତଥା ଶିଳ୍ପ ଶ୍ରମିକ ଓ ଛାତ୍ରାବାସଗୁଡ଼ିକୁ ଚାଉଳ ଯୋଗାଇବା ପାଇଁ ଅଧିକ ସଂଖ୍ୟକ ସୁଲଭ ମୂଲ୍ୟ ଦୋକାନ ଖୋଲି ସାଧାରଣ ବଣ୍ଟନ ବ୍ୟବସ୍ଥାର ସଂପ୍ରସାରଣ କରିବା ପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅନ୍ୟୁନ ଗୋଟିଏ ଲେଖାଏଁ ଖାଉଟି ସମବାୟ ଭଣ୍ଡାର ଖୋଲାଯିବାର ଯେଉଁ କାର୍ଯ୍ୟକ୍ରମ ଆମେ ରଖିଅଛୁଁ ତଦନୁଯାୟୀ ୩,୮୧୧ ଟି ଗ୍ରାମ ପଞ୍ଚାୟତରେ ୪,୦୩୪ ଗୋଟି ସମବାୟ ଖୁଚୁରା ବିକ୍ରୟକେନ୍ଦ୍ର କାର୍ଯ୍ୟ କରୁଅଛି । ଏହାଛଡ଼ା ୬୨୯ ଟି ସମବାୟ ସୁଲଭ ମୂଲ୍ୟ ଦୋକାନ ସହରାଞ୍ଚଳମାନଙ୍କରେ ମଧ୍ୟ ଖୋଲାଯାଇଛି ।

୨୬ । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତଥା ଭୁବନେଶ୍ୱର, ବ୍ରହ୍ମପୁର ଓ ରାଉରକେଲାର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟମାନଙ୍କ ଦ୍ୱାରା ଏବଂ ଜିଲ୍ଲାପାଳ ଓ

ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ ଜରିଆରେ ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ପାଇଁ ସାମାଜିକ ଗୃହ ନିର୍ମାଣ କାର୍ଯ୍ୟ, ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ଏବଂ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଭଡ଼ା ସୂତ୍ରରେ ଗୃହ ନିର୍ମାଣ କାର୍ଯ୍ୟସବୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯାଉଛି । ୧୯୮୨ ଅଗଷ୍ଟ-ସେପ୍‌ଟେମ୍ବରର ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନ ଆଦିବାସୀ ଓ ହରିଜନମାନଙ୍କ ପାଇଁ ବ୍ୟବସାୟିକ ବ୍ୟାଙ୍କମାନଙ୍କ ଋଣ ସହାୟତାରେ ୨୦ହଜାର ଗୃହ ନିର୍ମାଣ କରିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମନ୍ୱିତ ଗୃହନିର୍ମାଣ ଯୋଜନା ଅନୁଯାୟୀ ଜମିହୀନ ଶ୍ରମିକମାନଙ୍କୁ ଗୃହ ନିର୍ମାଣ ପାଇଁ ସହାୟତା ଦେବା କାର୍ଯ୍ୟ ଚାଲୁ ରହିବ । ରାଜ୍ୟରେ ୩୦ଟି ଚିହ୍ନିତ ବସ୍ତି ଅଞ୍ଚଳରେ କରାଯାଉଥିବା ପରିବେଶ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ୩୭ ହଜାର ବସ୍ତି ବାସିନ୍ଦାଙ୍କୁ ଉପକୃତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

୨୭ । ଉତ୍ତମ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଗ୍ରାମ ଓ ସହରାଞ୍ଚଳରେ ସୁରକ୍ଷିତ ପାନୀୟ ଜଳ ଯୋଗାଣର ଉନ୍ନତି କରିବା ଏକାନ୍ତ ଅପରିହାର୍ଯ୍ୟ । ରାଜ୍ୟର ୪୬,୯୯୨ ଜନବସତି ଥିବା ଗ୍ରାମ ମଧ୍ୟରୁ ଯେଉଁ ୨୭,୦୭୭ଟି ଗ୍ରାମ ଜଳାଭାବ ଗ୍ରାମରୂପେ ଚିହ୍ନିତ ହୋଇଛି, ସେଗୁଡ଼ିକ ମଧ୍ୟରୁ ୧୬,୨୯୪ଟି ଗ୍ରାମରେ ନଳକୂପ ଏବଂ ଅବଶିଷ୍ଟ ଗ୍ରାମରେ କୂପ ଖନନ କରାଯିବ । ୭,୫୩୮ଟି ଜଳାଭାବ ଗ୍ରାମରେ ଆବଶ୍ୟକ ସଂଖ୍ୟକ ନଳକୂପ ବସା-ଯାଇଛି ଏବଂ ଚଳିତ ଆର୍ଥିକ ବର୍ଷରେ ୧,୮୮୦ଟି ଗ୍ରାମରେ ଏବଂ ୧୯୮୩-୮୪ରେ ୧,୫୫୦ଟି ଗ୍ରାମରେ ନଳକୂପ ବସାଯିବ । ରାଜ୍ୟର ଉପକୂଳବର୍ତ୍ତୀ ଲୁଣି ଅଞ୍ଚଳର ଗ୍ରାମମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଡେନମାର୍କ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା (ଡାନିଡ଼ା) ୨୨ କୋଟି ଟଙ୍କା ଯୋଗାଉ ଦେଉଛନ୍ତି । ୧୯୮୨ ନଭେମ୍ବରଠାରୁ ଏହି ପ୍ରକଳ୍ପ ପାଇଁ ଏକ ନିର୍ଦ୍ଦେଶାଳୟ ଖୋଲାଯାଇ ପ୍ରକଳ୍ପର ପ୍ରାଥମିକ ପର୍ଯ୍ୟାୟ ପାଇଁ ବିଶେଷ ସର୍ଭେ କରିବା ଏବଂ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ୪୫୦ଟି ଗ୍ରାମରେ ନଳକୂପ ବସାଇବା ବାବଦରେ ଆବଶ୍ୟକୀୟ ଅର୍ଥ ବରାଦ କରାଯାଇଛି । ଷଷ୍ଠ ଯୋଜନା ଆରମ୍ଭରେ ଅସଂପୂର୍ଣ୍ଣ ରହିଥିବା ୧୯ଟି ସହରାଞ୍ଚଳ ପାନୀୟ ଜଳ ଯୋଗାଣ ପରିକଳ୍ପନା ମଧ୍ୟରୁ ୧୦ଟି ସଂପୂର୍ଣ୍ଣ ହୋଇଗଲାଣି । ଚଳିତ ବର୍ଷ ମଧ୍ୟରେ ଆଉ ୪ ଟି ଏବଂ ୧୯୮୩-୮୪ ରେ ଅବଶିଷ୍ଟ ୫ଟି ପରିକଳ୍ପନା ପୂର୍ଣ୍ଣାଙ୍ଗ ହେବ । ଚଳିତ ବର୍ଷ ପାନୀୟ ଜଳ ଯୋଗାଣ ପାଇଁ ୯କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୮୩-୮୪ ବଜେଟ୍‌ରେ ୧୦ କୋଟି

୨୫ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ ଯୋଜନା ବାବଦରେ ମଧ୍ୟ ଅଧିକ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

୨୮ । ଜନ ସାଧାରଣଙ୍କ ଚାହିଦା ପୂରଣ କରିବାଲାଗି ରାଷ୍ଟ୍ରାୟତ୍ତ ପରିବହନ ନିଗମ ଏବଂ ଓଡ଼ିଶା ସଡ଼କ ପରିବହନ କଂପାନୀ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି । ସମନ୍ୱିତ-ଭାବରେ ପରିବହନ ବସ ଚଳାଚଳ ପାଇଁ ସୁବିଧା କରିବା ଏବଂ ଘରୋଇ ବସ ମାଲିକ-ମାନଙ୍କର ଅସୁସ୍ଥ ପ୍ରତିଯୋଗିତା ଦୂରୀକରଣ କରିବାଲାଗି ସେମାନଙ୍କୁ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ ଏବଂ ଫୁଲବାଣୀ ଜିଲ୍ଲାମାନଙ୍କରେ ରାଜ୍ୟ ସଡ଼କ ପରିବହନ ସଂସ୍ଥା ସହଯୋଗରେ ବସ ଚଳାଇବାକୁ ଅନୁମତି ଦିଆଯିବ । ବୈତରଣି-କେନ୍ଦୁଝର ମଧ୍ୟରେ ନିର୍ମିତ ହେଉଥିବା ଜଖପୁରା-ବାଂଶପାଣି ରେଳପଥର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । କୋରାପୁଟ ଓ ମଛିଲିଗୁଡ଼ା ମଧ୍ୟରେ କୋରାପୁଟ-ରାୟଗଡ଼ା ରେଳପଥର ପ୍ରଥମ ପର୍ଯ୍ୟାୟର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ତାଳଚେରକୁ ସମ୍ବଲପୁର ସହିତ ରେଳ ପଥରେ ସଂଯୋଗ କରିବା ପାଇଁ ସର୍ଭେ କାର୍ଯ୍ୟ ସଂପୂର୍ଣ୍ଣ ହେଲଣି । ଏହି ପ୍ରକଳ୍ପଟି ଲାଭଜନକ ହେବବୋଲି ଜଣା ଯାଇଛି ଏବଂ ଏହାର ଅନୁମୋଦନ ପାଇଁ ରେଳବାଇ ବୋର୍ଡକୁ ଅନୁରୋଧ କରାଯାଇଛି । ଖୋର୍ଦ୍ଧା, ଓ୍ୱାଲ୍‌ଟିୟର ଏବଂ ଚକ୍ରଧରପୁର ଡିଭିଜନକୁ ନେଇ ଭୁବନେଶ୍ୱରଠାରେ ରେଳବାଇ ସର୍ଭିସ କମିଶନର ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ କେନ୍ଦ୍ର ରେଳବାଇ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

୨୯ । ଷଷ୍ଠ ଯୋଜନାରେ ରାସ୍ତା ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ମୁଖ୍ୟ ରାସ୍ତା-ଗୁଡ଼ିକୁ ଅନୁମୋଦିତ ମାନ ଅନୁସାରେ ଉନ୍ନତି କରିବା, ବ୍ଲକ୍‌କୁ ସବ୍‌ଡିଭିଜନ ସଦର ମହକୁମା, ସବ୍‌ଡିଭିଜନକୁ ଜିଲ୍ଲା ସଦର ମହକୁମା ଏବଂ ଜିଲ୍ଲାକୁ ରାଜ୍ୟର ରାଜଧାନୀ ସହିତ ଯଥା ସମ୍ଭବ ସିଧାସଳଖ ରାସ୍ତା ଦ୍ୱାରା ସଂଯୋଗ କରିବା ଏବଂ ୧୫୦୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକ ପାଇଁ ରାସ୍ତା ଯୋଗାଯୋଗ ବ୍ୟବସ୍ଥା କରିବା ଆମର ପ୍ରଧାନ ଲକ୍ଷ୍ୟ । ରାସ୍ତା ଉନ୍ନୟନ ଯୋଜନା କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୋଇନଥିବା ସତ୍ତ୍ୱେ ୧୯୮୩-୮୪ ମସିହାରେ ଅସଂପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଆମର ଲକ୍ଷ୍ୟ ରହିଛି ।

୩୦ । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଥିବା ବିପୁଳ ସୁଯୋଗର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର, ପୁରୀ ଏବଂ କୋଣାର୍କ ପରି ବିଖ୍ୟାତ ପର୍ଯ୍ୟଟନ କେନ୍ଦ୍ରକୁ ନେଇ ଗଠିତ ସ୍ୱର୍ଣ୍ଣ ତ୍ରିଭୁଜର ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବେଳାଭୂମି ରାସ୍ତା ନିର୍ମିତ ହେବା ଫଳରେ କୋଣାର୍କ-ପୁରୀ ମଧ୍ୟରେ ରାସ୍ତା ଯୋଗାଯୋଗ ସ୍ଥାପିତ ହୋଇଛି ଏବଂ ରତ୍ନଗିରି ଓ ଉଦୟଗିରି ପରି ରାଜ୍ୟର ଦୁଇଟି ବିଶିଷ୍ଟ ବୌଦ୍ଧ ପୀଠକୁ ସଂଯୋଗ କରିବାକୁ ଏକ ରାସ୍ତା ନିର୍ମିତ ହେଉଛି । ପର୍ଯ୍ୟଟକମାନଙ୍କୁ ସୁବିଧା ସୁଯୋଗ ଯୋଗାଇବା, ପାନ୍ଥ ନିବାସର ସଂପ୍ରସାରଣ କରିବା, ମୋଟେଲ୍ ସ୍ଥାପନ କରିବା ଏବଂ ଆଧୁନିକ ପରିବହନ ବ୍ୟବସ୍ଥା ଯୋଗାଇବା ଦିଗରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଉଦ୍ୟମ ଅବ୍ୟାହତ ରହିବ ।

୩୧ । ଗୋତି ଶ୍ରମିକଙ୍କୁ ଚିହ୍ନଟ କରିବା ଓ ସେମାନଙ୍କର ଥଇଥାନ କାର୍ଯ୍ୟ ମଧ୍ୟ ଅଗ୍ରାଧିକାର ଭିତ୍ତିରେ କରାଯାଉଛି । ଏହି ଯୋଜନାକୁ ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ (ଇ. ଆର. ଆର. ପି.) ସହିତ ସଂଲଗ୍ନ କରି କାର୍ଯ୍ୟକାରୀ କରାଯାଉଥିବାରୁ ଗୋତିଶ୍ରମିକଙ୍କ ଥଇଥାନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇପାରିଛି । ୧୯୮୨ ଡିସେମ୍ବର ସୁଦ୍ଧା ୧୩,୧୭୬ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି ଏବଂ ୧୯୮୩-୮୪ରେ ୭,୫୦୦ଜଣଙ୍କୁ ଥଇଥାନ କରିବାର କାର୍ଯ୍ୟକ୍ରମ ରହିଛି । ଇ. ଆର. ଆର. ପି. କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୨ ନଭେମ୍ବର ସୁଦ୍ଧା ୯୦,୪୯୧ ଜଣଙ୍କୁ ଥଇଥାନ କରାଯାଇଛି । ଚଳିତ ବର୍ଷ ୧,୨୮,୪୫୯ ଜଣ ଗରିବ ଲୋକଙ୍କୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ୭୫,୭୪୬ ଜଣଙ୍କୁ ଚିହ୍ନଟ କରାଯାଇ ସାରିଲଣି । ଆସନ୍ତା ବର୍ଷ ୧,୧୪,୭୧୩ ଜଣଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ଉପକୃତ କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ୧୯୮୩-୮୪ରେ ରାଜ୍ୟ ବଜେଟରେ ଇ. ଆର. ଆର. ପି. କାର୍ଯ୍ୟକ୍ରମ ପାଇଁ ୧୨ କୋଟି ୬୦ଲକ୍ଷ ଟଙ୍କା ଏବଂ ଗୋତି ଶ୍ରମିକଙ୍କ ଥଇଥାନ ପାଇଁ ୩କୋଟି ଟଙ୍କା ବ୍ୟୟ ବରାଦ କରାହୋଇଛି ।

୩୨ । ଜାତୀୟ ଗ୍ରାମାଞ୍ଚଳ କର୍ମଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ କୃଷି ଶ୍ରମିକ ଓ କ୍ଷୁଦ୍ର ଚାଷୀ ବିଶେଷ କରି ଆଦିବାସୀ ପରିବାରଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ